प्रेस प्रकाशनी PRESS RELEASE

भारतीय रिज़र्व बैंक
RESERVE BANK OF INDIA

वेबसाइट : www.rbi.org.in/hindi
Website : www.rbi.org.in
ई-मेल/email : helpdoc@rbi.org.in

संचार विभाग, केंद्रीय कार्यालय, शहीद भगत सिंह मार्ग, फोर्ट, मुंबई - 400 001
**Department of Communication**, Central Office, Shahid Bhagat Singh Marg, Fort, Mumbai - 400 001 फोन/Phone: 022 - 2266 0502

**16 ଅକ୍ଟୋବର 2025**

## ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ବୌଦ୍ଧ କୋ-ଅପରେଟିଭ୍ ସେଣ୍ଟ୍ରାଲ ବ୍ୟାଙ୍କ ଲିମିଟେଡ୍, ଓଡିଶା ଉପରେ ଆର୍ଥିକ ଜରିମାନା ଲାଗୁ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା, ତା 26 ସେପ୍ଟେମ୍ବର 2025 ରିଖର ଆଦେଶ ଅନୁଯାୟୀ, ବୌଦ୍ଧ କୋ-ଅପରେଟିଭ୍ ସେଣ୍ଟ୍ରାଲ ବ୍ୟାଙ୍କ ଲିମିଟେଡ୍, ଓଡିଶା (ବ୍ୟାଙ୍କ) ଉପରେ ଆରବିଆଇ ଦ୍ୱାରା ଜାରି କରାଯାଇଥିବା 'ସହକାରୀ ବ୍ୟାଙ୍କମାନଙ୍କ ଦ୍ୱାରା କ୍ରେଡିଟ୍ ସୂଚନା କମ୍ପାନୀମାନଙ୍କ (CICs) ସଦସ୍ୟତା' ସମ୍ବନ୍ଧିତ କିଛି ନିର୍ଦ୍ଦେଶାବଳୀ ପାଳନ ନକରିଥିବା ହେତୁ, ₹10,000/- (ଦଶ ହଜାର ଟଙ୍କା ମାତ୍ର)ର ଆର୍ଥିକ ଜରିମାନା ଲଗା ଯାଇଅଛି। କ୍ରେଡିଟ୍ ସୂଚନା କମ୍ପାନୀମାନଙ୍କ (ବିନିଯୋଗ ଅଧିନିୟମ), 2005 ର ଧାରା 25 ସହ ପଠିତ ଧାରା 23 ବ୍ୟବସ୍ଥା ଅନୁଯାୟୀ ଆରବିଆଇକୁ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ଏହି ଦଣ୍ଡ ଲାଗୁ କରାଯାଇଛି।

31 ମାର୍ଚ୍ଚ 2024 ତାରିଖରେ ବ୍ୟାଙ୍କର ଆର୍ଥିକ ସ୍ଥିତିକୁ ନେଇ ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଦ୍ୱାରା ବ୍ୟାଙ୍କର ବିଧିଗତ ନିରୀକ୍ଷଣ କରାଯାଇଥିଲା। ଆରବିଆଇ ନିର୍ଦ୍ଦେଶାବଳୀର ପାଳନ ନକରିବାର ପର୍ଯ୍ୟବେକ୍ଷଣୀୟ ନିଷ୍କର୍ଷ ଏବଂ ଏହି ସମ୍ବନ୍ଧୀୟ ପତ୍ରାଳାପ ଆଧାରରେ, ବ୍ୟାଙ୍କକୁ ଏକ ନୋଟିସ୍ ଜାରି କରାଯାଇଥିଲା ଯେଉଁଥିରେ ଉକ୍ତ ନିର୍ଦ୍ଦେଶାବଳୀ ପାଳନ କରିବାରେ ବିଫଳତା ପାଇଁ କାହିଁକି ତାଙ୍କ ଉପରେ ଦଣ୍ଡ ଲାଗୁ କରାଯିବ ନାହିଁ ତାହାର କାରଣ ଦର୍ଶାଇବାକୁ ପରାମର୍ଶ ଦିଆଯାଇଥିଲା। ନୋଟିସର ବ୍ୟାଙ୍କର ଉତ୍ତର ଏବଂ ବ୍ୟକ୍ତିଗତ ଶୁଣାଣି ସମୟରେ କରାଯାଇଥିବା ମୌଖିକ ଉପସ୍ଥାପନ ଉପରେ ବିଚାର କରିବା ପରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶକୁ ପାଳନ ନକରିବାର ନିମ୍ନଲିଖିତ ଅଭିଯୋଗ ପ୍ରମାଣିତ ହୋଇଛି, ଯାହା ଦ୍ୱାରା ଆର୍ଥିକ ଦଣ୍ଡ ଲାଗୁ ହେବାର ଆବଶ୍ୟକତା ଅଛି।

ବ୍ୟାଙ୍କ ଗ୍ରାହକ ମାନଙ୍କର କ୍ରେଡିଟ୍ ସୂଚନା, ତିନୋଟି କ୍ରେଡିଟ୍ ସୂଚନା କମ୍ପାନୀଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିବାରେ ବିଫଳ ହୋଇଥିଲା।

ଏହି ଦଣ୍ଡାଦେଶ, ନିୟମର ପରିଲକ୍ଷିତ ତ୍ରୁଟି ଉପରେ ଆଧାରିତ ଏବଂ ଏହାର ଗ୍ରାହକ ମାନଙ୍କ ସହିତ ବ୍ୟାଙ୍କ ଦ୍ୱାରା ହୋଇଥିବା କୌଣସି କାରବାର କିମ୍ବା ଚୁକ୍ତିର ବୈଧତା ଉପରେ ପ୍ରଯୁଜ୍ୟ ନୁହେଁ | ଅଧିକନ୍ତୁ, ଏହି ଜରିମାନା ଲାଗୁ ସତ୍ତ୍ୱେ ପକ୍ଷପାତ ନକରି ବ୍ୟାଙ୍କ ବିରୋଧରେ ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଆରବିଆଇ ଦ୍ୱାରା ନିଆଯାଇପାରେ ।

**(ବ୍ରିଜ ରାଜ)**

**ପ୍ରେସ୍ ବିଜ୍ଞପ୍ତି: 2025-2026/1325** **ମୁଖ୍ୟ ମହାପ୍ରବନ୍ଧକ**